ଭାରତୀୟ ଜନତା ପାର୍ଟି, ଓଡିଶା

୧୯ ବର୍ଷ ବିଜେଡି ଶାସନରେ ବ୍ୟାପକ ପିସି କାରବାର, ଦୁର୍ନୀତି, ଭ୍ରଷ୍ଟାଚାର ଓ ତୋଷାରପାତ ବିରୋଧରେ

# ଦ୍ୱିତୀୟ ଦିନରେ ରାଜ୍ୟର ୧୦୦ରୁ ଉର୍ଦ୍ଧ୍ୱ ବ୍ଲକ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ

- କୋମନା ବ୍ଲକରେ ବିଜେପି ସଭାପତି ବସନ୍ତ ପଣ୍ଡା, ବେଲପଡା ବ୍ଲକରେ ବିଧାୟକ ଦଳ ନେତା କେ.ଭି ସିଂହଦେଓ, ବୈପାରିଗୁଡା ବ୍ଲକରେ ପୂର୍ବତନ ମନ୍ତ୍ରୀ ଜୟରାମ ପାଙ୍ଗିଙ୍କ ଦ୍ୱାରା ବିକ୍ଷୋଭ ପ୍ରଦର୍ଶନ
- ସଚିବାଳୟ ଠୁ ପଂଚାୟତ ଅଫିସ ପର୍ଯ୍ୟନ୍ତ ସବୁ ସ୍ଥାନରେ ଦୁର୍ନୀତିର ଚେର ଲମ୍ବିଛି
- ବିନା ଅର୍ଥରେ ରାଜ୍ୟ ସରକାରଙ୍କ କୌଣସି ଯୋଜନା ଲାଭାର୍ଥୀମାନଙ୍କ ପାଖରେ ପହଂଚି ପାରୁନାହିଁ

**ଭୁବନେଶ୍ୱର, ତା.୨୯/୧୦:** ୧୯ ବର୍ଷ ବିଜେଡି ଶାସନରେ ବ୍ୟାପକ ପିସି କାରବାର, ଦୁର୍ନୀତି, ଭ୍ରଷ୍ଟାଚାର ଓ ତୋଷାରପାତ ବିରୋଧରେ ଆଜି ଦ୍ୱିତୀୟ ଦିନରେ ରାଜ୍ୟର ୧୦୦ରୁ ଉର୍ଦ୍ଧ୍ୱ ବ୍ଲକ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଚିଟ୍ ଫଣ୍ଡ, ମହାଦୁର୍ନୀତି, ଖଣି, ଡାଲି, ଚାରା, ବାଲିଘାଟ ଆଦି ବିଭିନ୍ନ ପ୍ରସଙ୍ଗକୁ ଉଠାଇ ବିଜେପି କାର୍ଯ୍ୟକର୍ତାମାନେ ଲୋକଙ୍କୁ ସଚେତନ କରାଇବା ସହ ଶାସକ ବିଜେଡିର ମୁଖା ଖୋଲିଛନ୍ତି । ରାସ୍ତା କାମଠୁ ଆରମ୍ଭ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ବିନା ଟେଣ୍ଡରରେ ଠିକା ଦିଆଯିବା ସହ ବହୁ ମାତ୍ରାରେ ପିସି ଆଦାୟ କରାଯାଉଛି । ସଚିବାଳୟ ଠୁ ପଂଚାୟତ ଅଫିସ ପର୍ଯ୍ୟନ୍ତ ସବୁ ସ୍ଥାନରେ ଦୁର୍ନୀତିର ଚେର ଲମ୍ବିଛି । ସମସ୍ତ ସରକାରୀ କାର୍ଯ୍ୟାଳୟରେ ବିନା ଲାଂଚରେ ଫାଇଲ ଘୁଂଚୁନାହିଁ ବୋଲି ରାଜ୍ୟ ମୁଖପାତ୍ର ଶ୍ରୀ ଗୋଲକ ମହାପାତ୍ର କହିଛନ୍ତି ।

ଶାସକ ବିଜେଡି କୃଷିରଣରେ ଜାଲିଆତି, ନକଲି କୀଟ ନାଶକ ବିହନ ବଂଟନ, ଧାନ କିଣାରେ ଚଂଚକତା କରି ସହାୟକ ମୂଲ୍ୟ ନଦେବା, ଇନପୁଟ ସବସିଡ଼ିର ବାଟମାରଣା କରି କୋଟି କୋଟି ଟଙ୍କା ହଡପ କରିଚାଲିଛି । ବିଜେଡିର ମନ୍ତ୍ରୀ, ସାଂସଦ, ବିଧାୟକ ଓ ନେତା ମାନେ ଓଡିଶାବାସୀଙ୍କ ଝାଳବୁହା ଅର୍ଥର ଟିକସକୁ ବାଟମାରଣା କରୁଛନ୍ତି । ବିନା ଅର୍ଥରେ ରାଜ୍ୟ ସରକାରଙ୍କ କୌଣସି ଯୋଜନା ଲାଭାର୍ଥୀମାନଙ୍କ ପାଖରେ ପହଂଚି ପାରୁନାହିଁ ବୋଲି ଶ୍ରୀ ମହାପାତ୍ର କହିଛନ୍ତି ।

ତିନି ଦିନ ଧରି ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମର ଦ୍ୱିତୀୟ ଦିନରେ ଆଜି ବରପାଲି, ଭଟଲି, କୋଲାବିରା, ହେମଗିରି, ରାଜଗାଙ୍ଗପୁର, ସୁନ୍ଦରଗଡ, ନୂଆ ଗାଁ, କୋଇରା, ଝୁମ୍ପୁରା, ବଣାଇଗଡ, ବଂଶପାଳ, ଖୁଂଟ, ବଡସାହି, ରେମୁଣା, ନିଳଗିରି, ବାହାଙ୍ଗା, ରଣପୁର, କାମାକ୍ଷା ନଗର, କଣିହାଁ, ତାଳଚେର, ଏନୁଗୁଳ, ଲୋଇସିଂଗା, ଖରିଆର, ଉମରକୋଟ, ଜୟପୁର, ରାୟଗଡା, ମୁନିଗୁଡା, ଆଳି, ବୁଗୁଡା, କଣପୁର, କଂଟାମାଳ, ଫୁଲବାଣୀ, ନିଶ୍ଚିନ୍ତ କୋଇଲି ବ୍ଲକ ସମେତ ୧୦୦ରୁ ଉର୍ଦ୍ଧ୍ୱ ବ୍ଲକ ସମ୍ମୁଖରେ ହଜାର ହଜାର ବିଜେପି କର୍ମୀ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । କୋମନା ବ୍ଲକରେ ବିଜେପି ସଭାପତି ବସନ୍ତ ପଣ୍ଡା, ବେଲପଡା ବ୍ଲକରେ ବିଧାୟକ ଦଳ ନେତା କେ.ଭି ସିଂହଦେଓ, ବୈପାରିଗୁଡା ବ୍ଲକରେ ପୂର୍ବତନ ମନ୍ତ୍ରୀ ଜୟରାମ ପାଙ୍ଗିଙ୍କ ଦ୍ୱାରା ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ସେହିପରି ବିଜେପି ନେତା ରୁଦ୍ର ପାଣି, ସୁରମା ପାଢୀ, କାଳନ୍ଦୀ ସାମଲ, ମୋହନ ମାଝୀ, ସୁରଥ ବିଶ୍ୱାଳ, ବିଭୂତି ଜେନା, କରେନ୍ଦ୍ର ମାଝୀ, ସୁଜାତା ମୁର୍ମୁ, ଅନନ୍ତ ନାୟକ, ରାଜକିଶୋର ସାହୁ, ରଂଜନ ପଟେଲ, ଅଶ୍ୱିନୀ ଷଡଙ୍ଗୀ, ମୁକ୍ତା ସାହୁ, ବିକାଶ ନାୟକ, ସୁବାଷ ପାଣିଗ୍ରାହୀ, ବିନୋଦ ଦାସ, ଶିବାଜୀ ମହାନ୍ତି, ଶୋଭନା ମହାନ୍ତି, ମହେଶ୍ୱର ସାହୁ, ପଦ୍ମଲୋଚନ ପଣ୍ଡାଙ୍କ ସମେତ ଶତାଧିକ ସଂଖ୍ୟାରେ ସ୍ଥାନୀୟ ନେତା ଏବଂ କାର୍ଯ୍ୟକର୍ତା ନିଜ ନିଜ ବ୍ଲକରେ ବିକ୍ଷୋଭ କରିଥିଲେ । ଶାସକ ବିଜେଡିର ମହାଦୁର୍ନୀତି ବିରୁଦ୍ଧରେ ଜନମତ ସୃଷ୍ଟି ହୋଇ ସାରିଛି ଏବଂ ଆଗାମୀ ଦିନରେ ଓଡିଶାବାସୀ ଅନ୍ୟାୟ ଓ ଭ୍ରଷ୍ଟାଚାର ବିରୁଦ୍ଧରେ ଉଚିତ୍ ଜବାବ ଦେବେ ବୋଲି ଶ୍ରୀ ମହାପାତ୍ର କହିଛନ୍ତି ।

ଏହି ବ୍ଲକ ଘେରାଉ କାର୍ଯ୍ୟକ୍ରମ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ପର୍ଯ୍ୟାୟ କ୍ରମେ ସମସ୍ତ ବ୍ଲକରେ ଚାଲିବ ବୋଲି ଶ୍ରୀ ମହାପାତ୍ର ସୂଚନା ଦେଇଛନ୍ତି ।

**(ବିଜେପି ମିଡିଆ ସେଲ୍)**